# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 27th April – 2026

***********************************

## ମୁଖ୍ୟ ସମ୍ବାଦ

- କେନ୍ଦୁଝର ଜିଲ୍ଲାରେ ଆସନ୍ତାକାଲି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ ।

- ଆଇନ ମନ୍ତ୍ରୀଙ୍କୁ ଅନ୍ତରୀଣ ରିପୋର୍ଟ ପ୍ରଦାନ କଲା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସ୍ୱତ୍ୱଲିପି କମିଟି ।

- ଆସନ୍ତା ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ପ୍ରକାଶ ପାଇବ ମାଟ୍ରିକ୍ ପରୀକ୍ଷା ଫଳ ।

ଏବଂ

- ଗ୍ରୀଷ୍ମଲହରୀ ବୃଦ୍ଧି ପାଇବା ନେଇ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରିକଲା ପାଣିପାଗ କେନ୍ଦ୍ର ।

***Desk***

# ମୁଖ୍ୟମନ୍ତ୍ରୀ କେନ୍ଦୁଝର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ତିନିଦିନିଆ କେନ୍ଦୁଝର ଗସ୍ତରେ ଯାଇଛନ୍ତି। ଗସ୍ତର ଦ୍ୱିତୀୟ ଦିନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଆସନ୍ତାକାଲି ଉତ୍କଳଗୌରବ ମଧୁସୂଦନ ଦାସଙ୍କର ଜନ୍ମ ବାର୍ଷିକୀ ଅବସରରେ ମଧୁସୂଦନଙ୍କ ପ୍ରତିମୂର୍ତ୍ତି ଅନାବରଣ କରିବେ। ଏହା ସହିତ ଉଛାବାଲି ହାଟପଡ଼ିଆଠାରେ ୪୦୦/୨୦୦ କେଭିର ଏକ ବିଦ୍ୟୁତ ଗ୍ରୀଡ୍ ସବଷ୍ଟେସନ୍ର ଲୋକାର୍ପଣ କରିବେ। ଜିଲ୍ଲାର ପୁରୁଷୋତ୍ତମପୁର ସ୍ଥିତ ବି.ଏନ୍.କେ. ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଗସ୍ତର ତୃତୀୟ ଦିନରେ ଶ୍ରୀ ମାଝୀ ବୁଧବାର ଦିନ ଧରଣୀଧର ବିଶ୍ୱବିଦ୍ୟାଳୟରେ ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବା ସହ ଆମ ବସ୍ ରହଣି ସ୍ଥଳୀର ଉଦ୍‌ଘାଟନ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

***BBSR/R***

# ମୁଖ୍ୟମନ୍ତ୍ରୀ - ପଶ୍ଚିମବଙ୍ଗ ଗସ୍ତ

ପଶ୍ଚିମବଙ୍ଗ ବିଧାନସଭା ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନପାଇଁ ଆସନ୍ତା ବୁଧବାର ଦିନ ମତଦାନ ହେବ । ଏଥିଲାଗି ଆଜି ପ୍ରଚାର କାର୍ଯ୍ୟ

ଶେଷ ହୋଇଛି । ପ୍ରଚାରର ଆଜି ଅନ୍ତିମ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଗଡ଼ାଠାରେ ଜନସମାବେଶରେ ଯୋଗଦେଇଛନ୍ତି । ପ୍ରଚାର ଶେଷକରି ମୁଖ୍ୟମନ୍ତ୍ରୀ କେନ୍ଦୁଝର ଫେରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

***IPR***

# ଲିଙ୍ଗରାଜ ସ୍ୱତ୍ୱଲିପି କମିଟି ରିପୋର୍ଟ

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସ୍ୱତ୍ୱଲିପି କମିଟି ପକ୍ଷରୁ ଭୁବନେଶ୍ୱର ଲୋକସେବା ଭବନରେ ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରାଯାଇଛି । ଜଷ୍ଟିସ୍ ଡକ୍ଟର ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଗଠିତ ଦୁଇଜଣିଆ କମିଟି ମନ୍ଦିରର ସେବାପୂଜା, ଶୃଙ୍ଖଳିତ ନୀତିକାନ୍ତି, ମନ୍ଦିର ଗର୍ଭଗୃହ ଓ ରୋଷଶାଳା ମରାମତି, ହୁଣ୍ଡି ପରିଚାଳନା, ସେବାୟତଙ୍କପାଇଁ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ, ଜମି ସମସ୍ୟା ସମାଧାନ ନେଇ ପ୍ରାୟ ୧୬ଟି ପ୍ରସ୍ତାବ ସହ ରିପୋର୍ଟ ପ୍ରଦାନ କରାଯାଇଛି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ' ରିପୋର୍ଟକୁ ସମ୍ପୂର୍ଣ୍ଣ ଅନୁଶୀଳନ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି କହିଛନ୍ତି ।

*Puri/R*

# ଜମିପଟ୍ଟା ବଣ୍ଟନ

ପୁରୀ ଜିଲ୍ଲା ନିମାପଡ଼ା ଟାଉନ୍ ହଲ୍ ପରିସରରେ ଶତାଧିକ ହିତାଧିକାରୀଙ୍କୁ ଆଜି ସ୍ଥାୟୀପଟ୍ଟା ବଣ୍ଟନ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏକ ସ୍ୱତନ୍ତ୍ର ଉତ୍ସବରେ ଯୋଗଦେଇ ଗୋପ ବ୍ଲକ୍‌ର ୮ ଜଣ ଭୂମିହୀନ ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ କରିଥିଲେ । ଏଥିସହ ଅଣ୍ଡିଆ ମୌଜାରେ ସ୍ୱତନ୍ତ୍ର ବନ୍ଦୋବସ୍ତ କ୍ୟାମ୍ପ୍‌ରେ ପ୍ରାଥମିକ ପର୍ଯ୍ୟାୟରେ ୨୪୦ ଜଣ ହିତାଧିକାରୀଙ୍କୁ ସ୍ଥାୟୀ ଜମିପଟ୍ଟା ବଣ୍ଟନ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆଣ୍ଡିଆ ଓ ପାଟପୁରା ମୌଜାରେ ୨୬୩ ଏକର ଜମି ବନ୍ଦୋବସ୍ତ କ୍ୟାମ୍ପ୍ ଜରିଆରେ ଜମିପଟ୍ଟା ବଣ୍ଟନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଜମିଜମା ସମସ୍ୟା ରହିଥିବାବେଳେ ସରକାର ସମୟୋପଯୋଗୀ ଆଇନଦ୍ୱାରା ଖୁବ୍‌ଶୀଘ୍ର ସାଧାରଣ ଲୋକମାନଙ୍କର ତ୍ୱରିତ ଭୂ-ରାଜସ୍ୱ ସମାଧାନ କରିବାକୁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

ଏହି ଅବସରରେ ନିମାପଡ଼ାଠାରେ ଏକ ଯାତ୍ରୀ ବିଶ୍ରାମଗାରକୁ ଉପମୁଖ୍ୟନ୍ତ୍ରୀ ଶ୍ରୀମତୀ ପରିଡ଼ା ଲୋକାର୍ପଣ କରିଛନ୍ତି ।

**BBSR/R**

# ଜଳକ୍ରୀଡ଼ା ପର୍ଯ୍ୟଟନ

ରାଜ୍ୟରେ ଜଳକ୍ରୀଡ଼ା କ୍ଷେତ୍ରରେ କ୍ଷମତା ବିକାଶ ପାଇଁ କୌଶଳମୂଳକ ସହଭାଗିତାକୁ ଦୃଷ୍ଟିରେ ରଖି କୋଣାର୍କସ୍ଥିତ ଓସ୍ୱାଲିଠାରେ ଲାଇଫ୍‌ଗାର୍ଡ଼ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୧ଟି ବ୍ୟାଚ୍‌କୁ ୧୨ ଦିନ ତାଲିମ ପ୍ରଦାନ କରାଯିବ । ପରେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ୧୭୬ ଜଣ ସରକାରୀ ଓ ବେସରକାରୀ ଲାଇଫ୍‌ଗାର୍ଡ଼ଙ୍କୁ ତାଲିମ୍ ଦିଆଯାଉଛି । ଓଡ଼ିଶା ଉପକୂଳ ଏବଂ ଆଭ୍ୟନ୍ତରୀଣ ଜଳ ପର୍ଯ୍ୟଟନପାଇଁ ଏକ ସୁଦୃଢ଼ ସୁରକ୍ଷା ବ୍ୟବସ୍ଥା ଗଠନ କରିବା ଲକ୍ଷ୍ୟରେ ଆସନ୍ତା ଦୁଇ ତିନି ବର୍ଷ ମଧ୍ୟରେ ପ୍ରାୟ ୨ ହଜାର ଲାଇଫ୍‌ଗାର୍ଡ଼ଙ୍କୁ ତାଲିମ୍ ଦେବାପାଇଁ ଏକ ରାଜ୍ୟସ୍ତରୀୟ ଯୋଜନା ପ୍ରସ୍ତୁତ କରାଯାଇଛି । ଲାଇଫ୍‌ଗାର୍ଡ଼ ପ୍ରଶିକ୍ଷଣପାଇଁ ଆଗ୍ରହୀ ଯୁବକମାନଙ୍କୁ ଜିଲ୍ଲାଭିତ୍ତିକ ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଜାରି ରହିଛି । ସମୁଦ୍ର ତଟ, ହ୍ରଦ, ଡ୍ୟାମ୍ ଓ ନଦୀତଟ ସହିତ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ବ୍ୟବସ୍ଥିତ ଭାବରେ କ୍ଷମତା ବିକାଶ ଓ ନିୟୋଜନ ସୁନିଶ୍ଚିତ କରାଯିବ । ଚଳିତ ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ଲାଇଫ୍‌ଗାର୍ଡ଼ମାନଙ୍କୁ ପୁରୀ, ଚନ୍ଦ୍ରଭାଗା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ନିୟୋଜିତ କରାଯିବ । ଓଡ଼ିଶାକୁ ଏକ ନିରାପଦ ଏବଂ ପ୍ରମୁଖ ସାହସିକ ପର୍ଯ୍ୟଟନ ଗନ୍ତବ୍ୟ ସ୍ଥଳୀ ଭାବରେ ଗଢ଼ି ତୋଳିବାପାଇଁ ଚଳିତ ବର୍ଷ ପ୍ରାରମ୍ଭରେ ପର୍ଯ୍ୟଟନ ବିଭାଗ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜଳଭିତ୍ତିକ ପର୍ଯ୍ୟଟନ ଏବଂ

ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ କୌଶଳମୂଳକ ସହଭାଗିତା ସ୍ଥାପନ କରାଯାଇଛି ।

***Desk***

## ମାଟ୍ରିକ୍ ପରୀକ୍ଷା ଫଳ

ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟରେ ଆଜିଠାରୁ ସମସ୍ତ ବିଦ୍ୟାଳୟ ବନ୍ଦ ରହିଛି । ତେବେ ଗ୍ରୀଷ୍ମ ଅବକାଶ ସମୟରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରିବା ନେଇ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ଅନ୍‌ଲାଇନ୍ ମାଧ୍ୟମରେ ଶିଶୁ ବାଟିକାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ହ୍ୱାଟସ୍‌ଆପ୍ ଗ୍ରୁପ୍ ଜରିଆରେ ମନୋରଂଜନ ଭିତ୍ତିକ ଶିକ୍ଷା ପ୍ରଦାନ କରାଯିବାକୁ ବ୍ୟବସ୍ଥା ହୋଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ଏଥିସହ ଆସନ୍ତା ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ମାଟ୍ରିକ୍ ପରୀକ୍ଷା ଫଳ ଓ ତୃତୀୟ ସପ୍ତାହ ସୁଦ୍ଧା ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

***Desk***

## ଜନଗଣନା

ରାଜ୍ୟରେ ଜନଗଣନା ଓ ଗୃହଗଣନା ପ୍ରକ୍ରିୟା ଜାରି ରହିଛି । ବିଭିନ୍ନ ଜିଲ୍ଲାରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସରକାରୀ କର୍ମଚାରୀମାନେ ଘରକୁ ଘର ବୁଲି

ତଥ୍ୟ ସଂଗ୍ରହ କରୁଛନ୍ତି । ଏଥିପାଇଁ ଲକ୍ଷାଧିକ କ୍ଷେତ୍ରୀୟ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ।

ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ :

ଚଳିତ ଥର ଡିଜିଟାଲ୍ ମାଧ୍ୟମରେ ତଥ୍ୟ ସଂଗ୍ରହ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ମୋବାଇଲ୍ ଆପ୍ ଜରିଆରେ ଘର ଓ ଲୋକଙ୍କ ସମ୍ପର୍କିତ ବିଭିନ୍ନ ତଥ୍ୟ ରେକର୍ଡ଼ କରାଯାଉଛି । ଜନଗଣନାରେ ପରିବାର ସଦସ୍ୟଙ୍କ ସଂଖ୍ୟା, ଶିକ୍ଷା, ଜଳ ଓ ବିଦ୍ୟୁତ୍ ସେବା ସହିତ ଅନ୍ୟାନ୍ୟ ମୌଳିକ ସୂଚନା ସଂଗ୍ରହ କରାଯାଉଛି ।  ଚଳିତ ମାସ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତାମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଜନଗଣନା କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ସୁରକ୍ଷାପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି । ରାଜ୍ୟ ଜନଗଣନା ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ସମସ୍ତ ଜନସାଧାରଣଙ୍କୁ ଗଣନା କାର୍ଯ୍ୟରେ ସଠିକ୍ ତଥ୍ୟ ଦେଇ ଗଣନାକାରୀଙ୍କୁ ସହଯୋଗ କରିବାକୁ ନିବେଦନ କରିଛନ୍ତି ।

***Voice (Pawan Kalyan)*** :........

ଦେଶର ସମଗ୍ର ଉନ୍ନୟନର ଭିତ୍ତି ହେଉଛି ସଠିକ୍ ଜନସଂଖ୍ୟା ତଥ୍ୟ । ଜନଗଣନା ମାଧ୍ୟମରେ ସରକାର ଲୋକଙ୍କ ସଂଖ୍ୟା, ଆବଶ୍ୟକତା ଓ ଜୀବନ ଯାପନ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥା'ନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗପାଇଁ ମୁଁ ସ୍ମୃତିରେଖା ତାରେଣୀଆ ।

*Nayagarh, Bolangir/R*

# ନାରୀଶକ୍ତି ବନ୍ଦନ

ନାରୀଶକ୍ତି ବନ୍ଦନ ଅଧିନିୟମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ନୟାଗଡ଼ଠାରେ ବି.ଜେ.ପି. ମହିଳା ମୋର୍ଚ୍ଚା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦିନରେ ମହିଳାମାନଙ୍କୁ ଆହୁରି ସଶକ୍ତ କରିବାପାଇଁ ମହିଳା ମୋର୍ଚ୍ଚା ପକ୍ଷରୁ ଆହ୍ୱାନ ଦିଆଯାଇଛି ।

ବଲାଙ୍ଗିରଠାରେ ଆୟୋଜିତ ବି.ଜେ.ପି. ମହିଳା କର୍ମୀଙ୍କ ସମ୍ମିଳନୀରେ ଏହି ଅଧିନିୟମକୁ ବିରୋଧ କରୁଥିବା ଦଳମାନଙ୍କୁ ସମାଲୋଚନା କରାଯାଇଛି ।

*Desk, Boudh, Malkangiri, Nayagarh, Gajapati/R*

# ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ସାପ୍ତାହିକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ଜିଲ୍ଲା ସଦର ବ୍ଲକ୍ ତାରସରଡ଼ା ଗ୍ରାମ ପଞ୍ଚାୟତରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଓ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ପୋଡ଼ାଘାଟ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଭିନ୍ନକ୍ଷମମାନଙ୍କୁ ସହାୟତା ଉପକରଣ ପ୍ରଦାନ କରାଯାଇଥିବାବେଳେ ମଧୁବାବୁ ପେନ୍‌ସନ ଯୋଜନାରେ ନୂତନ ଭତ୍ତା ମଞ୍ଜୁରୀ, ଜମିପଟ୍ଟା ସମସ୍ୟାର ସମାଧାନ କରାଯାଇଥିଲା ।

ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍‌ରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ୪୧ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା।

ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୩୩ଟି ଅଭିଯୋଗର ଶୁଣାଣି କରାଯାଇ ତୁରନ୍ତ ସମାଧାନପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍‌ଠାରେ ଅନୁଷ୍ଠିତ ଶିବିରରେ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ।

ଯାଜପୁର ଜିଲ୍ଲା ବରୀ ବ୍ଲକ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ୧୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

***Desk***

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ରାଜ୍ୟର ଉତ୍ତର ଓ ପଶ୍ଚିମ ଭାଗରେ ତାପମାତ୍ରା ଅତ୍ୟଧିକ ବୃଦ୍ଧି ପାଉଛି। ଉପକୂଳ ଅଞ୍ଚଳଗୁଡ଼ିକରେ

ଗୁଳୁଗୁଳି ଅଧିକ ଅନୁଭୂତ ହେଉଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୧ଟି ଜିଲ୍ଲାକୁ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଆଜି ମଧ୍ୟାହ୍ନ ସୁଦ୍ଧା ଝାରସୁଗୁଡ଼ାଠାରେ ଦିନର ସର୍ବାଧିକ ତାପମାତ୍ରା ୪୩ ଦଶମିକ ୬ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଛି । ଆଗାମୀ ଦୁଇଦିନ ପାଇଁ ଝାରସୁଗୁଡ଼ା, ସୁବର୍ଣ୍ଣପୁର, ବୌଦ୍ଧ, ନୟାଗଡ଼, ବଲାଙ୍ଗିର ଓ କଳାହାଣ୍ଡି ଜିଲ୍ଲାକୁ ଗ୍ରୀଷ୍ମଲହରୀ ସତର୍କତା ଜାରି କରାଯାଇଛି । ଦକ୍ଷିଣ ଓ ଉତ୍ତର ଭାଗର ଜିଲ୍ଲାଗୁଡ଼ିକରେ ଆସନ୍ତାକାଲି କାଳବୈଶାଖୀର ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

******